୧୩.୨.୮୭

ସାନ୍‌ହୋଜେ

ଆୟୁଷ୍ମାନ୍ ସୀତାକାନ୍ତ,

ମୋର ଓ ତୁମ ମାଇଁଙ୍କର ଆଶୀର୍ବାଦ ଜାଣିବ । ଚାମେଲିକୁ ଜିତା, ମିତା, କୁନୁ, ମୁନୁଙ୍କୁ ବହୁତ ଆଶୀର୍ବାଦ । ମୁନୁର ବୋଧହୁଏ ମାଟ୍ରିକ ପରୀକ୍ଷା ଚାଲିବଣି । ଭଗବାନ୍ କରନ୍ତୁ ସେ ଫାଷ୍ଟ ହେଉ । କାଲିପରି ଲାଗୁଛି ମୁନୁ କେତେ ବକଟେ ହୋଇଥିଲା, କଥା କହିପାରୁ ନଥିଲା, ଥଙ୍ଗେଇ ଥଙ୍ଗେଇ ବାମ୍ ମାମ୍ କହୁଥିଲା । ଅଇଛା ସେ କେତେକଥା ଶିଖିଲାଣି । ସବୁ ପ୍ରକାର ଉଡ଼ାଜାହାଜ ବିଷୟରେ ଜାଣେ । କିଛିଦିନ ତଳେ NASA ର Ames Research Center ବୁଲିବାକୁ ଗଲାବେଳେ ତା'ରି କଥା ମନେପଡୁଥାଏ । ସେ ଦେଖିଲେ କେତେ କଥା guide କୁ ପଚାରିଥାନ୍ତା । ପୃଥିବୀର ନୂତନତମ ଅଦ୍ୱିତୀୟ ଉଡ଼ାଜାହାଜ ଓ ଯନ୍ତ୍ରପାତି ଦେଖି ଖୁସିରେ ଫୁଲୁଥାନ୍ତା ! Wind Tunnel ର ବିଶାଳ ଆକାର ଓ ତିଆରି କୌଶଳ ଦେଖୁ ଦେଖୁ ତା' ମନରୁ କେତେ suggestion ଆସିଥାନ୍ତା । ଏଠି ଯେଉଁମାନେ ଗତ ସୁଅରେ ମାଟ୍ରିକ୍ ପାଶ୍ କଲେ ମୁନୁ ପରି ସେମାନେ ନାନା ପ୍ରସିଦ୍ଧ ୟୁନିଭରସିଟିରେ ସ୍ଥାନ ପାଇବାକୁ ଦରଖାସ୍ତ କରି ବୁଲି ବୁଲି ଦେଖୁଛନ୍ତି ଯେ ଏକରୁ ବେଶୀ ୟୁନିଭରସିଟି ସେମାନଙ୍କୁ ନେବାକୁ ବଛାଗଲେ ସେମାନେ କେଉଁଟାକୁ ହଁ କରିବେ । ସେମାନଙ୍କ ଭିତରେ ପୁଅ-ଝିଅ ଓଡ଼ିଆ ବି କେଇଜଣ ଅଛନ୍ତି । ଖୁବ ଭଲ ଛାତ୍ର । UC ର ବରକ୍ଲି, ଲସ୍‌ଏଞ୍ଜେଲସ୍, ଷ୍ଟାନ୍‌ଫୋର୍ଡ଼, ବିଖ୍ୟାତ କ୍ୟାଲ୍‌ଟେକ୍ ପୂର୍ବପଟେ ହାଭାର୍ଡ଼, ପ୍ରିନ୍‌ଷ୍ଟନ୍, ମେରିଲାଣ୍ଡ କେତେ ଜାଗା । ଷ୍ଟାନଫୋର୍ଡ଼ରେ ୧୧ଜଣ ନୋବେଲ ଲରିଏଟ୍ ଅଛନ୍ତି । ବରକ୍ଲିରେ ୧୫ ଜଣ, ହାଭାର୍ଡ଼ରେ ବି ୨୦ କି ୨୫, ଆମର ପିଲାଏ କ'ଣ ସେଠି ବିଜ୍ଞାନ ପଢ଼ନ୍ତେ ନାହିଁ ! କୁନୁ  ଦିଲ୍ଲୀ ସ୍କୁଲ୍ ଅଫ୍ ଇକନମିକ୍ସରେ ଈଶ୍ୱର କୃପାରୁ ଫାଷ୍ଟ ହେବ । କିନ୍ତୁ ଭଗବାନ କରନ୍ତୁ ତା'ପରେ ସେ ବିଶ୍ୱବିଖ୍ୟାତ ହାର୍ଭାର୍ଡ଼ ସ୍କୁଲ ଅଫ୍ ଇକନମିକ୍ସ କୁ ଆସୁ । ମିତା ଆଇ.ଏ.ଏସ୍ ପରୀକ୍ଷା ପ୍ରଥମଥର ଦେଲାବେଳେ ଖୁବ୍ ଅସୁସ୍ଥ ହେଲା ତୁମ ଚିଠିରୁ ଜାଣିଲି । ତା' ତରଫରୁ ତ କୌଣସି ତ୍ରୁଟି ନଥିଲା ତେଣୁ ତହିଁରେ ତା'ର ବା କି ଚାରା ! ଆଉଥରେ ପରୀକ୍ଷା ଦେବାକୁ ଲାଗି ପାଗି ପ୍ରସ୍ତୁତି ଚଳେଇଥାଉ । ଯେଉଁ ପରୀକ୍ଷାଟା ଦେଇଛି ସେଥିରେ ବାଜିଲେ ବାଜୁ, ନ ବାଜିଲେ ଦୁଃଖ କରିବାର ନାହିଁ । ଜିତା ତା'ର Ph.D. ଚଲାଇଥିବ ନିଶ୍ଚୟ ଓ ପାଇବ ତ ଯଥା ସମୟରେ ।

ଚାମେଲି ଫୋନ୍‌ରେ କହୁଥିଲା ଯେ, ତା' ଆଣ୍ଠୁ ବଡ଼ କାଟୁଛି । ଏଣିକି ତ ଶୀତ କମିଯିବ । ଥଣ୍ଡାଋତୁ ଗଲେ ତା' ଗୋଡ଼ ଆଣ୍ଠୁ ବି ଭଲ ହୋଇଯିବ । ଆର୍ଥରାଇଟିସ୍ ପାଇଁ କୌଣସି ପ୍ରକାର ଏଲୋପାଥି ଔଷଧ ନାହିଁ ଯହିଁରେ ତାହା ଭଲ ହେବ । ଯାହା ଅଛି ତାହା ସାମୟିକ ଉପଶମ ପାଇଁ । ବରଂ ତାକୁ ଟିକେ କାଳୁପଡ଼ା ନେଇ ସେ ପ୍ରସିଦ୍ଧ ସେକ ଦିଅନ୍ତ । ଯହିଁରେ ବହୁତ ରୋଗୀ ଭଲ ହେଲେଣି । ତା' ଛଡ଼ା ଦିଲ୍ଲୀରେ ଥାଆନ୍ତି- ଓଡ଼ିଆ କବିରାଜ ଖୁବ୍ ବିଖ୍ୟାତ ଭଗବାନ ଦାସ । ଜଡ଼ିବୁଟି ଗବେଷଣା କରନ୍ତି । ତାଙ୍କଠୁଁ ଔଷଧ ମଗାଅ । ଦ୍ୱଅନ ଅପା ମୋତେ କହୁଥିଲା ନଗେନ ଭାରିଜାର ବହୁବର୍ଷର ନାଳଝାଡ଼ା ରୋଗ ସେ ଅଳ୍ପ କେତେଦିନ ଚେଷ୍ଟାକରି ପୂରା ଭଲକରିଦେଲେ । ଆଉ ଲେଉଟିଲା ନାହିଁ ।

ତୁମର ୧୫ ଡିସେମ୍ବର ଚିଠି ଏଠି ଜାନୁୟାରୀ ୬ ତାରିଖରେ ମିଳିଲା । ତୁମର ନୂଆ କବିତା ସଂକଳନ 'କାହାକୁ ପୁଚ୍ଛିବା କହ' ଶିରୋନାମାଟି ଖୁବ୍ ଭଲ ଲାଗିଲା । ବହିଟି ଗଣେଶପୂଜା ଦିନ ବାହାରିବ ଲେଖିଥିଲେ । ବୋଧହୁଏ ସରସ୍ୱତୀ ପୂଜାଦିନ ବୋଲି ଉଦ୍ଦେଶ୍ୟ କରିଥିଲ-ତା'ମାନେ ଏ ମାସ ୨ ତାରିଖରେ । ବାହାରିଲାଣି ? କିଏ ଆସୁଥିଲେ ଆଣିବ । ମାର୍ଚ୍ଚ ୬ ରେ ଏଠୁ ସୂର୍ଯ୍ୟ ଯିବାର ଅଛି, ନିଧାର୍ଯ୍ୟ ହୋଇନାହିଁ । ଅନୁମାନ କରିପାରୁଛି, ଭାଷା ଆହୁରି ସରଳ ଓ ସହଜ ବୋଧ ହୋଇଥିବ, ଭାବ ଆହୁରି ଗଭୀର, ସୂକ୍ଷ୍ମ ଓ ଉଚ୍ଚ । ଗୋଟିଏ ପରାମର୍ଶ ଦେବାକୁ ମନ ହେଉଚି-ଲୋକେ ଗୀତ ବୋଲିବା ପାଇଁ କିଛି ସଂଗୀତମୟ ପଦ୍ୟ ଲେଖି ପାରନ୍ତ ନାହିଁ ! ତୁମେମାନେ ସେମିତି କିଛି ନ ଲେଖିଲେ ଲୋକେ ପାଇବେ କ'ଣ ? 'ଟାଲିଲା ଗାଡ଼ି ବାଦାମବାଡ଼ି', ଲଣ୍ଡାମୁଣ୍ଡିଆ ଡ୍ରାଇଭର ଗାଡ଼ିଟି ହକର' ଏଇଆ...ତୁମେ ଯେଉଁମାନେ ଓଡ଼ିଆ ଭାଷାରେ ସମୟର ଶ୍ରେଷ୍ଠ କବି ଓଡ଼ିଆ ସଂଗୀତ ପାଇଁ 'ଗୀତ' ଲେଖିବା ମଧ୍ୟ ତୁମମାନଙ୍କ ଦାୟିତ୍ୱ । ନହେଲେ ଉତ୍କଳ ଭାରତୀଙ୍କ ପ୍ରତି, ଜନନୀ ମାତୃଭାଷା ପ୍ରତି ତୁମର କର୍ତ୍ତବ୍ୟ ଅପୂର୍ଣ୍ଣ ରହିବ । ତୁମ କାନ, ତୁମ ପ୍ରିୟଜନଙ୍କ କାନ ଶୁଣୁଥିବ ଅତଞ୍ଚା, ଅବର୍ଦ୍ଧା 'ବଜାରୀ' ଗୀତ । ଭାରତର ଅନ୍ୟ ଭାଷାର ଗୀତ ସହ ତୁଳନା ହେଲାବେଳେ ନିଜ ମୁଣ୍ଡ ତଳକୁ ପୋତୁଥିବ । ସଂଗୀତ ଶାସ୍ତ୍ରରେ ତାଲିମ ତୁମେ ବି କିଛି ପାଇବ । ଷଷ୍ଠ ଶତାବ୍ଦୀରୁ ଏଯାବତ ଓଡ଼ିଆ ସଂଗୀତରେ ନାନା ଶଗଡ଼ ଗୁଳା ବି ରହିଛି । ତମେ ନୂଆ ଭାଷା, ନୂଆ ଭାବ ଖଞ୍ଜି ପାରିବ ଓ ତା' ସହିତ ନାନା ଓଡ଼ିଆ ରାଗରାଗିଣୀ ଭାରତୀୟ କ୍ଲାସିକାଲ୍ ଶୁଦ୍ଧ ରାଗରାଗିଣୀରେ ରଚିତ ହୋଇଥିବା ଗୀତର ଧାଡ଼ି ସଂଖ୍ୟା ଅନୁସାରେ ଗୀତ ଲେଖିପାରିବ । ସେହି ଶହଶହ ବର୍ଷ ହେଲା ସେଥିରେ 'ଭଣିତା' ବି ଚଳିଆସିଛି । ସେ ଟ୍ରାଡ଼ିସନ୍ ନ ଭାଙ୍ଗି ଗୀତର ଶେଷ ଧାଡ଼ିରେ 'ଭଣେ ସୀତାକାନ୍ତ' ଲେଖିବା ବି ବିଧେୟ । ସେପରି ଗୀତଗୁଡ଼ିଏ ତୁମେ ଲେଖିଲେ ଓଡ଼ିଶା ସାରା ସବୁ ଶ୍ରେଣୀର ସବୁ ଲୋକ ତାକୁ ଗାଆନ୍ତେ, ଗାଉଥାନ୍ତେ, ଯୁଗଯୁଗ ଯାକେ । ଆଉ ତୁମେ ସେପରି ଗୀତ ଲେଖିଲେ ତୁମେ ହୁଅନ୍ତ ଗୋଟିଏ ପୋଲ ଗଢ଼ାଳି କାରିଗର । ପାରମ୍ପରିକ ଓଡ଼ିଆ ଗୀତିକାବ୍ୟ ଓ ଆଧୁନିକ ଓଡ଼ିଆ କବିତା ମଧ୍ୟରେ ରହନ୍ତା ସେ ପୋଲ । ଅତୀତ ଯୁଗରେ ବହୁତ ଉନ୍ନତ Abstract Thinker ବି ଥିଲେ । ଯେମିତି ବଜ୍ରଯାନ ଯୁଗର କବିମାନେ ସରହ ଆଦି ଭୀମଭୋଇ ଇତ୍ୟାଦି ଇତ୍ୟାଦି । ସେମାନେ ବି କଛି ଗୀତ ଲେଖିଗେଲ । ରବୀନ୍ଦ୍ର ନାଥଙ୍କ କଥା ତ ଛାଡ଼ । ତାଙ୍କ କବିତା, ସାହିତ୍ୟ ଓ ସଂଗୀତ ଉଭୟ । ଚେଷ୍ଟା କରିବ ।

ତୁମେ ତ ଇତ୍ୟବସରରେ ବହୁତ୍ କାର୍ଯ୍ୟବ୍ୟସ୍ତ ଥିବ । ଅଫିସ୍, ମିଟିଂ, ଶୀତଦିନିଆ ଗସ୍ତ ବଜେଟ୍, ଜାନୁଆରୀ ୨୬ ରେ ଆଦିବାସୀ ମେଳା, ତା'ଛଡ଼ା ଆଦିବାସୀ ଉନ୍ନୟନ କାର୍ଯ୍ୟ ଯେମିତି ବ୍ୟାପକ ହୋଇଉଠୁଛି ତହିଁରେ ନାନା ଧନ୍ଦା । କେତୋଟି କଥା ମନେପଡ଼େ । ପୃଥିବୀରେ ଚାରିଆଡ଼େ ତ ବିଜ୍ଞାନ ଟେକ୍‌ନୋଲୋଜି ବେଉସାର ନୂଆ 'ସଭ୍ୟତା' ଆଦିବାସୀମାନଙ୍କୁ କବଳିତ କରିଛି ଓ କରୁଛି । ସେମାନଙ୍କର ଓ ଅଣଆଦିବାସୀଙ୍କର ଉଭୟଙ୍କ ଉପକାର ପାଇଁ ଏତକ କ'ଣ ଦରକାର ନାହିଁ ଯେ କିଛି ଅଞ୍ଚଳରେ ଆଦିବାସୀ, ଆଦିମ ବଣଜଙ୍ଗଲର କବଳିତ ନ ହୋଇ ରହନ୍ତେ, ଅଣ ଆଦିବାସୀ ସେଠି ଘର କରନ୍ତେ ନାହିଁ, ଶୋଷଣ କରନ୍ତେ ନାହିଁ, ନୂଆ 'ସଭ୍ୟତା' ପୂରାନ୍ତେ ନାହିଁ । ସେଠି ଗଛକଟା ହୁଅନ୍ତା ନାହିଁ, ଖଣି ଖୋଳା ହୁଅନ୍ତା ନାହିଁ । କାରଖାନା ବସନ୍ତା ନାହିଁ । କେବଳ କେଉଁ କେଉଁ ଆଦିବାସୀର ଇଛା ହନ୍ତା । ''ମୁଁ ନୂଆ ସଭ୍ୟତାକୁ ଆଦରିବି ।'' ସେ ଅଞ୍ଚଳ ବାହାରେ ତାକୁ ସେଥିପାଇଁ ସୁଯୋଗ ଦିଆ ହୁଅନ୍ତା ।

କିଛି ମଣିଷ, କିଛି ସ୍ଥାନ, ଅକବଳିତ ହୋଇ ରହିଯାନ୍ତା ଭଲା । ପରେ ପୃଥିବୀଯାକର ଲୋକଙ୍କ ପାଇଁ ସେମାନେ ଓ ସେସବୁ ସ୍ଥାନ ହୁଅନ୍ତା ଆଡ୍ରିନାଲିନ୍ ଇଞ୍ଜେକ୍‌ସନ୍ ମିଳିଲା ଭଳି ସାଧନ । ଆମେରିକାରେ ସେସବୁ ଲୁପ୍ତ, ଆଫ୍ରିକାରେ ବିକଳାଙ୍ଗ । ଏମାନେ ଅନ୍ତତଃ କେତେ ବର୍ଷ ହେଲା ଜଙ୍ଗଲ ସମ୍ଭାଳୁଛନ୍ତି । ଘର ଜଙ୍ଗଲ ଏକ, ବଡ଼ ବଡ଼ ସହରରେ ବି । ଆମର ଏଇଠି ଓଲ୍ଟା ।

ଆମେ ସବୁ ଭଲ ଅଛୁ । ୟାଙ୍କର ଦାନ୍ତ ଲାଗିବ କି ନାହିଁ ସ୍ଥିର ହୋଇନାହିଁ, ୟେତ ମନା କରୁଛନ୍ତି । ମୁଁ ଏଠି ପୂରା ସୁଖ-ବିଶ୍ରାମରେ ଦିନ ବିତାଉଛି । 'ଦାୟିତ୍ୱ', ଚିନ୍ତା କିଛି ନାହିଁ । ଆଇଲାଦିନୁ ଦିନେ ବି ବେମାର ପଡ଼ିନାହିଁ । ଦେହ ଫୁଲୁଛି । ଏ ବିଶ୍ରାମର ସୁଯୋଗ ନେଇ ମନରୁ ବୋଧହୁଏ କିଛି ଦଳ କାଢ଼ି ପାରିଲି । ବୁଢ଼ାଦିନ ପୋଖରୀରୁ ଦଳ କାଢ଼ିବା ପାଇଁ ଉପଯୁକ୍ତ, ଆଚାର୍ଯ୍ୟ ମହାଶୟ (ହରିହର), ପଣ୍ଡିତ କୃପାସିନ୍ଧୁ ହୋତା ଦୁଇ ବୁଢ଼ା ଦଳ କାଢ଼ିଥିଲେ, ବୟସ ସତୁରି ଟପିଥିଲା । ମନଇଛା ବୁଲି ଦେଖିବା ମୋ ପକ୍ଷରେ ସମ୍ଭବ ନୁହେଁ । କାର୍ ଚଲାଏ ନାହିଁ, ସୂର୍ଯ୍ୟ, ଅଞ୍ଜି ସକାଳୁ ଯାଆନ୍ତି ସଞ୍ଜରେ ଆସନ୍ତି । ଶନିବାର ରବିବାର ତାଙ୍କୁ ଫୁରୁସତ୍ ମିଳେ, ପାଖକୁ ଯାଉ । ଗଡ଼ିବାକୁ ଗଦାଗଦା । କେବ୍‌ଲ୍ ଟିଭିରେ ନାନା ଚ୍ୟାନେଲ୍ । ଅତି ଉପାଦେୟ ଶିକ୍ଷଣୀୟ ବିଷୟ ସବୁ ଦେଖିବାକୁ ମିଳେ, ଘଣ୍ଟାଏ ଦେଖିଦେଲେ ଗୁଡ଼ିଏ ବହି ପଢ଼ିବାଠୁ ବେଶୀ ଉପକାର କରେ । ଏଠି ସ୍ଥାନେ ସ୍ଥାନେ ଲାଇବ୍ରେରୀ । ଗୋଟିଏ ଲାଇବ୍ରେରୀରୁ ମୁଁ ବି ବହି ଘରକୁ ଆଣିପାରୁଛି । ଥରେକେ ଯେତେଖଣ୍ଡ ଇଛା ।

କେବେ ଫେରିବି ଠିକ୍ କରି ନାହିଁ, ଏ ମାସରେ ତ ନୁହେଁ, ସୂର୍ଯ୍ୟ ସଙ୍ଗେ ବୋଧହୁଏ ନୁହେଁ, ସେ ଏକୁଟିଆ ଯାଇପାରେ । ମାର୍ଚ୍ଚ ୬ ଆଡ଼କୁ । ତା'ପରେ ଆମେ ଯିବୁ । ହୁଏତ ତୁମ ମାଇଁ ଆଗ ଯିବେ, ପରେ ମୁଁ ଯିବି । ମୋ ରହିବା ବା ଯିବା Visa ପାଇବା ଉପରେ ନିର୍ଭର କରେ ।

'ଧୂଳି ମାଟିର ସନ୍ଥ' ବାହାରିଲାଣି ଶୁଣିଲି, ତୁମକୁ ଖଣ୍ଡିଏ ଦେବାକୁ ପୀତାମ୍ବର ବାବୁଙ୍କୁ କହିଥିଲି ଦେଲେ କି ନାହିଁ ଯେ । 'ପରଜା' ପାଇଁ କୃତଜ୍ଞତା ଜଣାଇ Acknowledgement ଟିଏ ଲେଖି ରୁକୁନ୍ ଆଡ୍ୱାନୀଙ୍କୁ ପଠାଇଦେଲି, ଛାପିବେ ଓ ମାର୍ଚ୍ଚ ମାସରେ ବହି ବାହାରିବା ଆଶା ବୋଲି ସେ ଲେଖିଲେ । କୁମାର୍ ସୁରେଶ୍ ସିଂ ଉପରେ ପଡ଼ି ଘରକୁ ଆସି ପ୍ରତିଶ୍ରୁତି ଦେଇଥିଲେ ଯେ Nov. ପହିଲା (1986) ରୁ ଦୁଇ ବର୍ଷ ପାଇଁ ସେ ଫେଲୋସିପ୍‌ଟି ଦେବେ, Nov. ପହିଲାଯାଏ cultural dept., Govt. of India ଙ୍କ fellowship ଟି ଥିଲା, କିନ୍ତୁ କୁମାର ସୁରେଶ ସିଂ ଭୁଲିଯାଇ ମନେମନେ ଧରିଦେଲେ ଯେ ତାଙ୍କ Fellowship ରେ ମୁଁ Interested ନୁହେଁ, ତେଣୁ Dr. D.K. Majumdar ବୋଲି ଜଣଙ୍କୁ ତାକୁ ଦେଲେ ତାଙ୍କୁ ଚିଠି ଲେଖି ଏ ବିଷୟ ବୁଝିଲି ।

ପୁଅ ବଦଳି ହୋଇ କଲିକତା ଚାଲିଗଲାଣି କି ନାହିଁ କେଜାଣି ଏଠି କିଛି ଓଡ଼ିଆ ଖବରକାଗଜ ଯାଏ ନାହିଁ, ଓଡ଼ିଶା କଥା ଏ ଦେଶର କାଗଜ ବା କାହିଁକି ଛାପିବେ । ଭାରତ କଥା ତ ଅତି କ୍ୱଚିତ୍ ।

ଏଠି ୫୦ ଡିଗ୍ରୀରୁ ୬୦ ଡିଗ୍ରୀ ଏଫ୍ । ଭଲ ଖରା ହେଉଛି, ମଝିରେ ମଝିରେ ମେଘୁଆ । ଆମେରିକାରେ ଅନ୍ୟତ୍ର ବହୁତ ଶୀତ, ସ୍ଥାନେ ସ୍ଥାନେ ବରଫ୍ । ଏପଟେ ଚେରି ଫୁଲ ଫୁଟିଲାଣି ସ୍ଥାନେ ସ୍ଥାନେ । ଆଉ ମାସକୁ ପୂର୍ଣ୍ଣ ବସନ୍ତ ଋତୁ ।

ତୁମ ବଗିଚା ତୁମ କୁକୁର ଦୁହେଁ କେମିତି ଅଛନ୍ତି ? ମାଲ୍‌କାନ୍‌ଗିରିରୁ ଭୃଙ୍ଗରାଜ ଚଢ଼େଇ, ପୋଡ଼ାଡ଼ିହା କି ଯଶୀପୁରରୁ ଇଣ୍ଡୋଚୀନ ଶାରୀ, ଯେକୌଣସି ସ୍ଥାନରୁ ମେରୁ ଶୁଆ (ଆକାର ବଡ଼, ଥଣ୍ଟ, ବେକ ନାଲି) କିଛି ବଣ କୁକୁଡ଼ା, ବାରମାସୀ ଚଢ଼େଇ କିଛି ଆଣି ରଖିଥା । ଟିକିଏ ପରିଶ୍ରମ, କିନ୍ତୁ ବଡ଼ ମଜା ।

ଇତି

ମାମ